# NATIONAL NEWS BULLETIN (ODIA)

**2 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀର ରାୟ ପିଥୋରା ଠାରେ ଆସନ୍ତାକାଲି ଭଗବାନ ବୁଦ୍ଧଙ୍କ ସହ ଜଡ଼ିତ ପବିତ୍ର ପିପରହୱା ଅବଶେଷର ଆନ୍ତର୍ଜାତିକ ପ୍ରଦର୍ଶନକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ୨୦୧୦ ମସିହା ପରେ ପଶ୍ଚିମବଙ୍ଗ ସରକାର ଦେଇଥିବା ଓବିସି ପ୍ରମାଣପତ୍ରକୁ ଭୋଟର ତାଲିକା ସଂଶୋଧନ ଶୁଣାଣି ବେଳେ ବୈଧ ପ୍ରମାଣପତ୍ର ଭାବେ ଗ୍ରହଣ ନ କରିବାକୁ ଇସିଆଇଙ୍କ ନିର୍ଦ୍ଦେଶ
- ଦେଶର ପ୍ରଥମ ହାଇସ୍ପିଡ୍ ଟ୍ରେନ୍ ସୁରଟ୍-ବିଲିମୋରା ମାର୍ଗରେ ଚଳାଚଳ କରିବା ନେଇ ରେଳମନ୍ତ୍ରୀଙ୍କ ସୂଚନା

ଏବଂ

- ସ୍ୱିଜରଲାଣ୍ଡରେ ନୂଆବର୍ଷ ମଧ୍ୟରାତ୍ରି ବିସ୍ଫୋରଣ ମୃତ୍ୟୁ ଘଟଣାରେ ଗଭୀର ଦୁଃଖ ପ୍ରକାଶ କଲା ଭାରତ

---

## ପିଏମ୍-ରେଲିକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀର ରାୟ ପିଥୋରା ସାଂସ୍କୃତିକ କମ୍ପ୍ଲେକ୍ସରେ ଭଗବାନ ବୁଦ୍ଧଙ୍କ ସହ ଜଡ଼ିତ ପବିତ୍ର ପିପରହୱା ଅବଶେଷର ଆନ୍ତର୍ଜାତିକ ପ୍ରଦର୍ଶନକୁ ଉଦ୍‌ଘାଟନ କରିବେ । ଏହି ପ୍ରଦର୍ଶନୀରେ ପ୍ରଥମଥର ପାଇଁ ପ୍ରାୟ ଏକଶତାବ୍ଦୀରୁ ଅଧିକ ସମୟ

ପରେ ପିପରହୱା ଅବଶେଷଗୁଡ଼ିକୁ ନୂଆଦିଲ୍ଲୀ ଜାତୀୟ ସଂଗ୍ରହାଳୟ ଏବଂ କୋଲକାତା ସ୍ଥିତ ଭାରତୀୟ ସଂଗ୍ରହାଳୟରୁ ଏକତ୍ର କରାଯାଇଛି ।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ୧୮୯୮ ମସିହାରେ ଆବିଷ୍କୃତ ପିପରହୱା ଅବଶେଷ ବୌଦ୍ଧଧର୍ମର ପ୍ରତ୍ନତାତ୍ତ୍ୱିକ ଅଧ୍ୟୟନରେ ପ୍ରମୁଖ ସ୍ଥାନ ଗ୍ରହଣ କରିଛି । ଏହା ପ୍ରାଚୀନ କପିଳବସ୍ତୁ ସହ ଜଡ଼ିତ ଯେଉଁଠାରେ ଭଗବାନ ବୁଦ୍ଧ ପ୍ରାରମ୍ଭିକ ଜୀବନ ବିତାଇଥିଲେ ।

## ପିଏମ୍-ପଦ୍ମନାଭନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ମୋନାଥୁ ପଦ୍ମନାଭନ୍‌ଙ୍କୁ ତାଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ପଦ୍ମନାଭନ୍ ଜଣେ ଦୂରଦୃଷ୍ଟିସଂପନ୍ନ ବ୍ୟକ୍ତି ଥିଲେ । ମର୍ଯ୍ୟାଦା, ସମାନତା ଏବଂ ସାମାଜିକ ସଂସ୍କାରରେ ଦେଶର ପ୍ରକୃତ ପ୍ରଗତି ନିହିତ ବୋଲି ସେ ବିଶ୍ୱାସ କରୁଥିଲେ । ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ମହିଳା ସଶକ୍ତିକରଣ ଭଳି କ୍ଷେତ୍ରରେ ପଦ୍ମନାଭନ୍‌ଙ୍କ ପ୍ରୟାସ ଅତ୍ୟନ୍ତ ପ୍ରେରଣାଦାୟୀ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ତାଙ୍କ ଆଦର୍ଶ ଦେଶବାସୀଙ୍କୁ ସହାନୁଭୂତିଶୀଳ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଜ ଗଠନ ଦିଗରେ ମାର୍ଗ ଦର୍ଶନ କରିଥାଏ । ପଦ୍ମନାଭନ୍‌ଙ୍କ ସାମଗ୍ରିକ ଜୀବନ ସମାଜସେବାପାଇଁ ସମର୍ପିତ ଥିଲା ବୋଲି ଶ୍ରୀ ମୋଦୀ କହିଛନ୍ତି ।

ସେହିପରି ମୋନାଥୁ ପଦ୍ମନାଭନ୍‌ଙ୍କୁ ଜଣେ ବିଚକ୍ଷଣ ସମାଜ ସଂସ୍କାରକ ଏବଂ ନିଷ୍ଠାପର ଦେଶପ୍ରେମୀ ଭାବେ ବର୍ଣ୍ଣନା କରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ କହିଛନ୍ତି, କେରଳରେ ସମାଜର ସର୍ବୋଚ୍ଚ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ପଦ୍ମନାଭନ୍ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ସାମାଜିକ

ଅସମାନତାର ସମାଧାନ ପାଇଁ ଜୀବନବ୍ୟାପୀ ସଂଘର୍ଷ ମାଧ୍ୟମରେ ସେ ଏକ ନିରପେକ୍ଷ ଏବଂ ସମାନତାର ସମାଜ ଗଠନ ପାଇଁ ପଥ ପରିଷ୍କାର କରିଥିଲେ । ଏକ ଶକ୍ତିଶାଳୀ ଏବଂ ସଂଗଠିତ ଭାରତ ଗଠନ ପାଇଁ ପଦ୍ମନାଭନଙ୍କ ମାର୍ଗଦର୍ଶନ ଦେଶର ନାଗରିକଙ୍କୁ  ପ୍ରେରଣା ଦେଇଚାଲିଛି ବୋଲି ଶ୍ରୀ ଶାହା କହିଛନ୍ତି ।

## ଡବ୍ଲୁବି-ଇସିଆଇ

ସଘନ ଭୋଟର ତାଲିକା ସଂଶୋଧନ-ଏସ୍ଆଇଆର୍ ସହିତ ଡ୍ରାଫ୍ଟ ଭୋଟର ତାଲିକା ଉପରେ ଦାବି ଏବଂ ଆପତ୍ତିର ଶୁଣାଣି ସମୟରେ ୨୦୧୦ ମସିହା ପରେ ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଓବିସି ପ୍ରମାଣପତ୍ରଗୁଡ଼ିକୁ ବୈଧ ସହାୟକ ପରିଚୟପତ୍ର ଭାବରେ ବିବେଚନା କରାଯିବ ନାହିଁ ବୋଲି ଭାରତର ନିର୍ବାଚନ କମିଶନ-ଇସିଆଇ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଗତ ଡିସେମ୍ବର ୨୪ ତାରିଖରେ କଲିକତା ହାଇକୋର୍ଟ ଦେଇଥିବା ଏକ ରାୟ ଆଧାରରେ ଇସିଆଇ ଏହି ନିଷ୍ପତ୍ତି ନେଇଛନ୍ତି। ମାମଲା ଅନୁସାରେ ପଛୁଆ ବର୍ଗ ବର୍ଗୀକରଣ ପ୍ରକ୍ରିୟାରେ ଅନିୟମିତତା ଥିବା ହାଇକୋର୍ଟ ଦର୍ଶାଇବା ପରେ ୨୦୧୦ରୁ ୨୦୨୪ ମଧ୍ୟରେ ୧୧୩ଟି ସଂପ୍ରଦାୟକୁ ପ୍ରଦାନ କରାଯାଇଥିବା ଓବିସି ପ୍ରମାଣପତ୍ରକୁ ବାତିଲ କରାଯାଇଛି । କମିଶନ ସ୍ପଷ୍ଟ କରିଛନ୍ତି ଯେ, ଓବିସି ସଂପ୍ରଦାୟର ବ୍ୟକ୍ତିମାନେ ଯୋଗ୍ୟ ଭୋଟର ରହିଥିଲେ ମଧ୍ୟ ୨୦୧୦ ପରେ ସେମାନଙ୍କର ପ୍ରମାଣପତ୍ର ନିର୍ବାଚନ ମାମଲାରେ ପରିଚୟ କିମ୍ବା ସଂପ୍ରଦାୟ ସ୍ଥିତିର ପ୍ରମାଣ ଭାବରେ ନିଆଯାଇ ପାରିବ ନାହିଁ ।

# ବୈଷ୍ଣବ ଟନେଲ୍

ମୁମ୍ବାଇ-ଅହମ୍ମଦାବାଦ ବୁଲେଟ ଟ୍ରେନ୍ ପ୍ରକଳ୍ପ ମହାରାଷ୍ଟ୍ରର ପାଲଘରରେ ବିରାର ଏବଂ ବୋଇସରକୁ ସଂଯୋଗ କରୁଥିବା ପ୍ରାୟ ଦେଢ଼କିଲୋମିଟର ସୁଡ଼ଙ୍ଗର ସଫଳତା ସହିତ ଏକ ପ୍ରମୁଖ ମାଇଲ୍ ଖୁଣ୍ଟ ହାସଲ କରିଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ  ବୈଷ୍ଣବ କହିଛନ୍ତି । ପାଲଘରଠାରେ ହାଇସ୍ପିଡ୍ ଟନେଲ୍ ବ୍ରେକ୍ ଥ୍ରୋ କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ପ୍ରକଳ୍ପରେ ମୋଟ୍ ୭ଟି ପାର୍ବତ୍ୟ ସୁଡ଼ଙ୍ଗ ଏବଂ ଗୋଟିଏ ସମୁଦ୍ର ସୁଡ଼ଙ୍ଗ ଅଛି । ଏହା ମହାରାଷ୍ଟ୍ରର ଦ୍ୱିତୀୟ ସଫଳ ପାର୍ବତ୍ୟ ସୁଡ଼ଙ୍ଗ । ବୁଲେଟ୍ ଟ୍ରେନ୍ ମଧ୍ୟବର୍ଗଙ୍କ ପାଇଁ ଏକ ସୁଲଭ ଏବଂ ସୁବିଧାଜନକ ମାଧ୍ୟମ ଭାବେ କାର୍ଯ୍ୟ କରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

**V/O (Baishnab)**

ମନ୍ତ୍ରୀ କହିଛନ୍ତି, ଆସନ୍ତାବର୍ଷ ଅଗଷ୍ଟ ୧୫ ସୁଦ୍ଧା ଭାରତର ପ୍ରଥମ ବୁଲେଟ୍ ଟ୍ରେନ୍ ପ୍ରସ୍ତୁତ ହୋଇଯିବ । ବୁଲେଟ୍ ଟ୍ରେନ୍ କରିଡରକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକ୍ଷମ କରାଯିବ ଏବଂ ପ୍ରଥମ ହାଇସ୍ପିଡ୍ ଟ୍ରେନ୍ ସୁରଟ-ବିଲିମୋରା ମାର୍ଗରେ ଚଳାଚଳ କରିବ । ଶ୍ରୀ ବୈଷ୍ଣବ କହିଛନ୍ତି, ମୁମ୍ବାଇ-ଅହମ୍ମଦାବାଦ ବୁଲେଟ୍ ଟ୍ରେନ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୨୧ ମସିହା ଏପ୍ରିଲ୍ ମାସରେ ଆରମ୍ଭ ହୋଇଥିଲା ଏବଂ ଏହା ଆସନ୍ତା ବର୍ଷ କାର୍ଯ୍ୟକ୍ଷମ ହେବ ।

ସେ କହିଛନ୍ତି ୫୦୮ କିଲୋମିଟର ଦୀର୍ଘ ହାଇସ୍ପିଡ୍ ରେଳ କରିଡରରେ ମୋଟ୍ ୧୨ଟି ଷ୍ଟେସନ ରହିବ । ଏହି କରିଡର ସାବରମତୀ, ଅହମ୍ମଦାବାଦ, ଆନନ୍ଦ, ଭଦୋଦରା,ଭରୁଚ୍, ସୁରଠ୍, ବିଲିମୋରା, ଭାପି, ବୋଇସାର, ଭୀରାର, ଥାନେ ଏବଂ ମୁମ୍ବାଇ ସମେତ ପ୍ରମୁଖ ସହରକୁ ସଂଯୋଗ କରିବ ।

## ଇୟର୍ ଏଣ୍ଡର-ଟେକ୍ନୋଲୋଜି

୨୦୨୫ ମସିହା ଭାରତର ବିକାଶ ଯାତ୍ରାର ଏକ ନିର୍ଣ୍ଣାୟକ ଅଧ୍ୟାୟ ଭାବରେ ଉଭା ହୋଇଥିଲା । ଏଥିରେ ସରକାରଙ୍କ ଦ୍ୱାରା ପ୍ରଣୀତ ନୀତି ଦେଶର ବିକାଶ ପାଇଁ ଫଳପ୍ରଦ ସାବ୍ୟସ୍ତ ହୋଇଥିଲା । ଆମର ସ୍ୱତନ୍ତ୍ର ସିରିଜ୍ 'ସଂସ୍କାର ବର୍ଷ'ରେ ଆସନ୍ତୁ ଜାଣିବା ୨୦୨୫ରେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ବିକାଶ ସମ୍ପର୍କରେ ।

୨୦୨୫ ମସିହାରେ, ଭାରତର ବୈଜ୍ଞାନିକ ଏବଂ ପ୍ରଯୁକ୍ତିବିଦ୍ୟା ଯାତ୍ରା ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଥିଲା । ଦେଶରେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅଭୁତପୂର୍ବ ପରିବର୍ତ୍ତନ ଘଟିଥିଲା ଯାହା ବୃହତ ପରିମାଣର ନିବେଶ ଏବଂ ସଂସ୍ଥାଗତ ସଂସ୍କାର ଦ୍ୱାରା ସମ୍ଭବ ହୋଇଥିଲା ।

କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଦେଶରେ ଘଟିଥିବା ଉନ୍ନତିର ସୁଫଳ ଗୁରୁତ୍ୱପୂର୍ଣ୍ଣ ଥିଲା । ଏଆଇ ମିଶନ ଅଧୀନରେ, ସରକାର ନୈତିକ, ମାନବ-କେନ୍ଦ୍ରିକ ଏଆଇ ସିଷ୍ଟମ ନିର୍ମାଣ ପାଇଁ ଦଶ ହଜାର କୋଟି ଟଙ୍କାରୁ ଅଧିକ ବ୍ୟୟବରାଦ କରି ଏହା ପ୍ରତି ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ସମ୍ପ୍ରତି ଭାରତ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ୨୦୨୫ ଗ୍ଲୋବାଲ୍ ଏଆଇ

ଭାଇବ୍ରାନ୍ସି ରାଙ୍କିଙ୍ଗରେ ତୃତୀୟ ସ୍ଥାନରେ ରହିଛି। ୨୦୨୫ ମଧ୍ଯ ସେମିକଣ୍ଡକ୍ଟର କ୍ଷେତ୍ରରେ ସଫଳତା ହାସଲ କରିଛି । ଗତ ବର୍ଷ ଭାରତ ନୋଏଡା ଏବଂ ବେଙ୍ଗାଲୁରୁରେ ୩-ନାନୋମିଟର ଚିପ୍ ଡିଜାଇନ୍ ପାଇଁ ଦୁଇଟି ପ୍ରକଳ୍ପର ଆରମ୍ଭ କରିଥିଲା । ସେହିପରି ଗତ ବର୍ଷ ସେପ୍ଟେମ୍ବରରେ, ଦେଶର ପ୍ରଥମ ସ୍ୱଦେଶୀ ଭାବରେ ବିକଶିତ ବିକ୍ରମ ୩୨-ବିଟ୍ ଚିପ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେମିକନ୍ ଇଣ୍ଡିଆ ୨୦୨୫ ସମ୍ମିଳନୀରେ ପ୍ରଦାନ କରାଯାଇଥିଲା ।

ଏହି ବର୍ଷ ମଧ୍ୟ ମହାକାଶ ଏବଂ ରଣନୈତିକ ପ୍ରଯୁକ୍ତିବିଦ୍ୟାରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରାଯାଇଥିଲା। ବିଶ୍ୱର ସବୁଠାରୁ ଉନ୍ନତ ପୃଥିବୀ-ପର୍ଯ୍ୟବେକ୍ଷଣ ରାଡାର ଉପଗ୍ରହ NISAR ର ସଫଳ ଉତ୍କ୍ଷେପଣ ସହ ପ୍ରଧାନମନ୍ତ୍ରୀ ମୋଦୀ ଗତ ମାସରେ ହାଇଦ୍ରାବାଦରେ ସ୍କାଏରୁଟ୍ ଏରୋସ୍ପେସର ନୂତନ ଇନ୍‌ଫିନିଟି କ୍ୟାମ୍ପସ୍ ଉଦଘାଟନ କରିଥିଲେ ଏବଂ କମ୍ପାନୀର ପ୍ରଥମ କକ୍ଷପଥ ରକେଟ୍, ବିକ୍ରମ-୧ର ଉନ୍ମୋଚନ କରିଥିଲେ।

---

## ଗର୍‌ମେଣ୍ଟ ଏଲ୍.ପି.ଜି.

ଘରୋଇ ଗ୍ରାହକଙ୍କ ପାଇଁ ରନ୍ଧନ ଗ୍ୟାସ୍ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନଥିବା କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି । ଗତକାଲି କେତେକ ଗଣମାଧ୍ୟମରେ ଏଭଳି ରିପୋର୍ଟ୍ ପ୍ରକାଶିତ ହୋଇଥିଲା । ସୂଚନା ଅନୁଯାୟୀ କେତେକ ଗଣମାଧ୍ୟମରେ ସିଲିଣ୍ଡର ପିଛା ୧୧୧ଟଙ୍କା ବୃଦ୍ଧି କରାଯାଇଥିବା ରିପୋର୍ଟ କରାଯାଇଥିଲା । ତେବେ ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

---

# ଏନ୍‌ଏଚ୍‌ଏଆଇ-କାର୍ଡ

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ-ଏନ୍‌ଏଚ୍‌ଏଆଇ ଆସନ୍ତା ଫେବୃୟାରୀ ମାସ ୧ ତାରିଖଠାରୁ ସମସ୍ତ ନୂଆ ଫାସ୍‌ଟ୍ୟାଗ୍ ଯୁକ୍ତ କାର୍ ପାଇଁ 'ନୋ ଇୟୋର ଭେହିକିଲ୍'-କେଓ୍ୱାଇଭି କାର୍ଡ ବନ୍ଦ କରିବାକୁ ଘୋଷଣା କରିଛି । ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ କହିଛି ଜନସାଧାରଣଙ୍କ ସୁବିଧା ବୃଦ୍ଧି ଏବଂ ରାଜପଥ ବ୍ୟବହାରକାରୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାରକୁ ଦୂର କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଏଥିରେ କୁହାଯାଇଛି କେଓ୍ୱାଇଭି କେବଳ ଅଭିଯୋଗ ଗ୍ରହଣ କ୍ଷେତ୍ରରେ ଆବଶ୍ୟକ ହେବ । କୌଣସି ଅଭିଯୋଗ ନଥିଲେ ପୂର୍ବରୁ ଫାସ୍‌ଟ୍ୟାଗ୍ ଥିବା କାର୍ ପାଇଁ କୌଣସି କେଓ୍ୱାଇଭି ଆବଶ୍ୟକ ହେବ ନାହିଁ ।

---

# ସୁଇସ୍ ବାର୍ ଏକ୍ସପ୍ଲୋଜନ୍

ସୁଇଜରଲାଣ୍ଡର କ୍ରାନ୍ସ ମୋଣ୍ଟାନା ସ୍କି ରିସର୍ଟ୍ ସ୍ଥିତ ଏକ ବାର୍‌ରେ ନୂଆବର୍ଷ ମଧ୍ୟ ରାତ୍ରିରେ ଘଟିଥିବା ବିସ୍ଫୋରଣରେ ୪୦ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୧୧୫ ଜଣ ଲୋକ ଆହତ ହୋଇଛନ୍ତି । ସେଠାକାର ପୁଲିସ୍ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି ଓ ଉଦ୍ଧାରକାରୀ ଦଳ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ହେଲିକପ୍ଟର ଏବଂ ଆମ୍ବୁଲାନ୍ସ ଯୋଗେ ଆହତମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ନିଆଯାଉଛି । ସ୍ଥାନୀୟ ସରକାର ଏହି ଘଟଣାକୁ ସ୍ୱତନ୍ତ୍ର ପରିସ୍ଥିତି ଭାବେ ଘୋଷଣା କରିଛନ୍ତି । ଏହି ବିସ୍ଫୋରଣରେ ଆହତ ମୃତକମାନଙ୍କୁ ଚିହ୍ନଟ କରି ସେମାନଙ୍କ ପରିବାରବର୍ଗଙ୍କୁ ଖବରଦେବା

କାର୍ଯ୍ୟ ଜାରି ରହିଛି । ତେବେ ଏହି ଘଟଣା ପଛରେ କୌଣସି ସନ୍ଦେହଜନକ କାରଣ ନ ଥିବା ସରକାର କହିଛନ୍ତି ।

କ୍ରାନ୍ସ-ମୋଣ୍ଟାନା ଅଗ୍ନିକାଣ୍ଡରେ ଭାରତ ଗଭୀର ଦୁଃଖ ପ୍ରକାଶ କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସ୍ୱିଜରଲ୍ୟାଣ୍ଡରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି, ଏହି କଠିନ ସମୟରେ ଭାରତ ସ୍ୱିସ୍ ସରକାର ଏବଂ ଏହାର ଲୋକଙ୍କ ସହ ରହିଛି ।

---

## ଇଣ୍ଡିଆ-ୟୁଥ୍ ସେଲିଂ ଚମ୍ପିୟାନ୍‌ସିପ୍

୧୧ତମ ଇଣ୍ଡିଆ ଇଣ୍ଟରନ୍ୟାଶନାଲ୍ ୟୁଥ୍ ସେଲିଂ ଚମ୍ପିୟାନ୍‌ସିପ୍ ଆସନ୍ତା ୪ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଚେନ୍ନାଇ ବନ୍ଦରରେ ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହେବ । ଗତକାଲି ଚେନ୍ନାଇରେ ଏହି ଚମ୍ପିୟାନ୍‌ସିପ୍ ଆରମ୍ଭ ହୋଇଥିଲା । ଏହା ଭାରତର ଦୀର୍ଘତମ ଏବଂ ସବୁଠାରୁ ସୁସଂଗତ ଅନ୍ତର୍ଜାତୀୟ ଯୁବ ନୌଚାଳନା ପ୍ରତିଯୋଗିତା । ଏହି ଚମ୍ପିୟାନ୍‌ସିପ୍‌ରେ ୧୩ଟି ଦେଶର ୧୧୭ ଜଣ ପଞ୍ଜୀକୃତ ନାବିକ ୫ଟି ଆଭିଜାତ୍ୟ ଯୁବବର୍ଗରେ ପ୍ରତିଦ୍ୱନ୍ଦିତା କରିବେ । ସମସ୍ତ ରେସ୍‌କୁ ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌ର ବିଶ୍ୱବ୍ୟାପୀ ସିଧାପ୍ରସାରଣ କରାଯିବ ।

---